**NEW PAPER:** Dharitri

**DATE:** 13.08.2018

**PAGE:** 14

ଧରିତ୍ରୀ
DHARITRI

# ୧୪ତମ ପ୍ରତିଷ୍ଠା ଦିବସ ପାଳିଲା ଏଏସ୍‌ବିଏମ୍

ଭୁବନେଶ୍ୱର, ୧୨।୮



ଏସିଆନ୍ ସ୍କୁଲ୍ ଅଫ୍ ବିଜ୍‌ନେସ୍ ମ୍ୟାନେଜ୍‌ମେଣ୍ଟ (ଏଏସ୍‌ବିଏମ୍)ର ୧୪ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୌମେନ୍ଦ୍ର ମୋହନ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ମାନବଶାସ୍ତ୍ର ଓ ମାନବର ବିକାଶ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସେ କହିଥିଲେ କୌଣସି ଗୋଷ୍ଠୀର ସାହିତ୍ୟ ଓ କଳା ସମ୍ପର୍କରେ ସାଇତି ରଖାଯାଇଥିବା ତଥ୍ୟ ହେଉଛି ଇଥୋନୋଗ୍ରାଫି। ଏହା ପରବର୍ତ୍ତୀ ସମୟରେ କୌଣଷି ଗୋଷ୍ଠୀ ସମ୍ପର୍କରେ ଜାଣିବାରେ ଯଥେଷ୍ଟ ସାହାଯ୍ୟ କରିଥାଏ। ଏହି ଅବସରରେ ଏଏସ୍‌ବିଏମ୍‌ର ପ୍ରତିଷ୍ଠାତା ନିର୍ଦ୍ଦେଶକ ପ୍ରଫେସର ବିଶ୍ୱଜିତ ପଟ୍ଟନାୟକ, ଡିନ୍ ପ୍ରଫେସର କଲ୍ୟାଣ ଶଙ୍କର ରାୟ ପ୍ରମୁଖ ମଞ୍ଚାସୀନ ଥିଲେ। ଶେଷରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ।